# Akashvani, Sambalpur

## SAMBALPURI NEWS EVENING BULLETIN

**19 October 2025- 7.02 pm- 7.12 pm.**

*******************************************

୧- ଗାଁ ଇଲାକା ନ ସରକାରୀ ଜନସେବାକେ ଅଏତ୍‌କା ଲୋକାଭିମୁଖୀ କର୍‌ବାର୍ ଲାଗି ପଂଚାୟତ୍ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ - କହେଲେ ମୁଖ୍ୟମନ୍ତ୍ରୀ ।

- ୨୮ ଟା ଜିଲ୍ଲାର୍ ୪୮ ହଜାର୍‌ନୁ ଅଏତ୍‌କା ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ବାଂଟ୍‌ଲେ ଆର୍ଥିକ୍ ସାହାଜ୍ ।

୨- ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ତିନ୍‌ହି ମୁଖିଆ ରାଜନୈତିକ୍ ଦଲ୍ ତର୍‌ଫୁ ଚାଲିଛେ ଜୋର୍‌ଦାର୍ ପ୍ରଚାର୍ ।

୩- ଶ୍ରୀକ୍ଷେତ୍ର ପୁରୀ ନ ଆଏବା କାଏଲ୍ ଦିଆଲି ଅବ୍‌ସରେ ହେବା ପୟାଶ୍ରାଦ୍ଧ ।

ଆଉର୍

୪- ବଙ୍ଗୋପ୍‌ସାଗର୍ ନ ହେଇଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ରାଜ୍ୟର୍ କେତେଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ହେଇପାରେ ବର୍ଷା ।

ଅନ୍ତ୍ୟୋଦୟ - ମୁଖ୍ୟମନ୍ତ୍ରୀ I&PR

ଗାଁ ଇଲାକା ନ ସୁଶାସନ୍‌କେ ଆହୁରି ବର୍‌କସ୍ କର୍‌ବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଭାସୀ ଜରିଏ ରାଏଜେ ୪ ଶହ ୭୧ ଟା ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଲୟର୍ ଭୂମିପୂଜନ୍ ଆଉ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ପହେଲା କିସ୍ତି ବାଂଟିଛନ୍ । ନୂଆପଡ଼ା ଆଉ କଲାହାଣ୍ଡି ଜିଲ୍ଲା ଛଡ଼ା ରାଜ୍ୟର୍ ୨୮ ଟା ଜିଲ୍ଲା ନ ୪ ଶହ ୭୧ ଟା ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଲୟର ଭିତିପ୍ରସ୍ତର୍ ଥାପ୍‌ନା କରାଯିବାର୍ ସହେତେ ୪୮ ହଜାର୍ ୬ ଶହ ୯୩ ଝନ୍ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାଥି ପହେଲା କିସ୍ତି ବାବ୍‌ଦେ ୪୦ ହଜାର୍ ଟଙ୍କା ଲେଖା ସାହାଜ୍ ଦିଆଯାଇଛେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ । ଗରିବ୍ ଲୁକ୍‌କର୍ ଘର୍ ଲାଗି ଇ ବଛର୍ ମାର୍ଚ୍ଚ ୩୦ ତାରିଖ୍ ସର୍‌କାର୍ ରାଏଜେ ଅନ୍ତ୍ୟୋଦୟ ଗୃହ ଯୋଜ୍‌ନାର୍ ଶୁଭାରମ୍ଭ କରିଥିଲେ । ଇ ଯୋଜ୍‌ନାଥି ୨୦୨୪-୨୫ ନୁ ୨୦୨୭-୨୮ ଆର୍ଥିକ୍ ବଛର୍ ଭିତ୍‌ରେ ୭ ହଜାର୍ ୫ ଶହ ୫୦ କୋଟି ଟଙ୍କା ବ୍ୟୟ ବରାଦ୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ହିତାଧିକାରୀମାନ୍‌କୁ ପହେଲା କିସ୍ତିଥି ଆଏଜ୍ ଶହେ ୯୪ କୋଟି ୭୭ ଲାଖ୍ ୨୦ ହଜାର୍ ଟଙ୍କା ବଂଟାଯାଇଛେ । ସେନ୍ତା ୨ ନମ୍ବର୍ କିସ୍ତିଥି ୬୫ ହଜାର୍ ଆର୍ ୩ ନମ୍ବର୍ କିସ୍ତିଥି ୧୫ ହଜାର୍ ଟଙ୍କା ଏନ୍ତା କରି ମୋଟ୍ ଲାଖେ ୨୦ ହଜାର୍ ଟଙ୍କା ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ହିତାଧିକାରୀମାନେ ୪ ମାସ୍ ଭିତ୍‌ରେ ଘର୍ ତିଆରି ଶେଷ୍ କର୍‌ବେ । ସେମାନ୍‌କୁ ୨୦ ହଜାର୍ ଟଙ୍କା ଆଉ ଯେନ୍‌ମାନେ ୬ ମାସେ ଘର୍ ତିଆରି ଶେଷ୍ କର୍‌ବେ ସେମାନ୍‌କୁ ୧୦ ହଜାର୍ ଟଙ୍କା ଲେଖା ପ୍ରୋତ୍ସାହନ୍ ରାଶି ଦିଆଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଆଭାସୀ ଜରିଏ ଭିନ୍ ଭିନ୍ ଜିଲ୍ଲାର୍ ହିତାଧିକାରୀ ଆଉ ପଂଚାୟତ୍‌ର ସର୍‌ପଂଚ୍ ମାନ୍‌କର୍ ସାଙ୍ଗେ ଯୋଜ୍‌ନା ମାନ୍‌କର୍ କାର୍ଯ୍ୟକାରିତା ବାବ୍‌ଦେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ପଂଚାୟତିରାଜ୍ ଆଉ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ୍ ନାଏକ୍‌ଙ୍କର୍ ସହେତେ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଳୟ ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାର୍ ସବୁ ପଂଚାୟତ୍ ନ ନୂଆଁ ଗ୍ରାମ୍‌ପଂଚାୟତ୍ କାର୍ଯ୍ୟାଳୟ ଥାପ୍‌ନାର୍ କାର୍ଯ୍ୟକ୍ରମ୍‌ର ସିଧା ପ୍ରସାରଣ୍

କରାଯାଇଥିଲା । ଇ ଅବ୍‌ସରେ ଜିଲ୍ଲାର୍ ୨୪ ଟା ଗ୍ରାମ୍ ପଂଚାୟତ୍ କାର୍ଯ୍ୟାଲୟର୍ ଭିତିପ୍ରସ୍ତର୍ ଥାପ୍‌ନା କରାଯାଇଛେ । ସେନ୍ତା ଅନ୍ତ୍ୟୋଦୟ ଗୃହ ଯୋଜ୍‌ନା ଅଧୀନ୍‌ଥି ଜିଲ୍ଲାର୍ ଭିନ୍ ଭିନ୍ ବ୍ଲକ୍ ନ ହିତାଧିକାରୀମାନ୍‌କୁ ଘର୍ ତିଆରି ଲାଗି ପହେଲା କିସ୍ତି ଭିଲ୍ ବଂଟାଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ଓସ୍ୱାନ୍ ସମ୍ମିଳନୀ କକ୍ଷ ନ ଉପସ୍ଥିତ୍ ରହିକରି ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍‌ଗା ଜରୁରୀ କାମ୍ ଥିବାର୍‌ନୁ ଆଏବା କାଏଲ୍ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଆଏବା ଅଭିଯୋଗ୍ ଶୁଣାଣିର୍ ତାରିଖ୍ ସମ୍ବାଦ୍‌ପତ୍ର ଜରିଏ ସାଧାରଣ୍ ଲୁକ୍‌କୁ ଜନେଇ ଦିଆଯିବା ।

ଉପନିର୍ବାଚନ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ବିଧାନ୍‌ସଭା ଉପ ନିର୍ବାଚନ୍ ଲାଗି ତିନ୍‌ହି ମୁଖ୍ୟ ରାଜନୈତିକ୍ ଦଲ୍ ବିଜେପି, ବିଜେଡ଼ି ଆଉ କଂଗ୍ରେସ୍ ତର୍‌ଫୁ ରୋଡ୍ ସୋ ମାନ୍ କରାଯାଉଛେ । ପ୍ରାର୍ଥୀମାନେ ନିଜର୍ ପକ୍ଷେଆଥି ଭୋଟ୍ ଦେବାର୍‌କେ ଭୋଟର୍‌ମାନ୍‌କୁ ଆକୃଷ୍ଟ କର୍‌ବାର୍ ଲାଗି ରଣକୌଶଲ୍ ଦେଖଉଛନ୍ । ବିଜୁ ଜନତା ଦଲ୍‌ର ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନୂଆପଡ଼ା ନ ରୋଡ୍ ସୋ କରିଛନ୍ । ଶ୍ରୀମତୀ ଛୁରିଆ ଆଏବା କାଏଲ୍ ତାଙ୍କର୍ ନାମାଙ୍କନ୍ ପତ୍ର ଦାଖଲ୍ କର୍‌ବେ ।

ରପ୍ତାନୀ ସୁଯୋଗ୍ ଆର୍‌ଏନ୍‌ୟୁ/ କଟକ୍

ରପ୍ତାନୀ କ୍ଷେତ୍ରଥି ଓଡ଼ିଶା ନ ବ୍ୟାପକ୍ ସୁଯୋଗ୍ ରହିଛେ । ଇତାର୍ ସଦ୍‌ଉପଯୋଗ୍ କର୍‌ବାର୍‌କେ ଉଦ୍ୟୋଗୀମାନେ ଆଗ୍‌କେ ଆସ୍‌ବାର୍ ଦର୍‌କାର୍ ବଲି ରପ୍ତାନୀ ଉନ୍ନୟନ୍ ଆଉ ବାଣିଜ୍ୟ ନିର୍ଦ୍ଦେଶାଳୟର୍ ନିର୍ଦ୍ଦେଶକ୍ ସଞ୍ଜୟ କୁମାର୍ ମିଶ୍ର କହିଛନ୍ । ନିର୍ଦ୍ଦେଶାଳୟ ତର୍‌ଫୁ ଭୁବ୍‌ନେଶ୍ୱର୍ ନୂଆପଲ୍ଲୀ ନ ଥିବା ରପ୍ତାନୀ ଭବନ୍ ସମ୍ମିଳନୀ କକ୍ଷ ନ ସର୍‌କାରୀ ଅଧିକାରୀମାନ୍‌କର୍ ଲାଗି ହେଇଥିବା ଯୋଜ୍‌ନା ବାବଦ୍ ଦକ୍ଷତା ବିକାଶ୍ କର୍ମଶାଳାଥି ଯୋଗ୍ ଦେଇକରି ଶ୍ରୀ ମିଶ୍ର ଇଟା କହିଛନ୍ । ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକେ ଅଏତ୍‌କା ଶକ୍ତିଶାଳୀ କର୍‌ବାର୍ ଲାଗି କର୍ମଶାଳାଥି ଆଲୋଚନା ହେଇଛେ ।

ଜିଏସ୍‌ଟି ସଂସ୍କାର୍         ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ପିଢ଼ି ଜିଏସ୍‌ଟି ସଂସ୍କାର୍ ଲାଗି ସାରା ଦେଶେ ବାଣିଜ୍ୟ କାର୍‌ବାର୍ ବଢ଼ିଛେ । ଇ ବଛର୍ ନବରାତ୍ରୀ ଉତ୍ସବ୍ ଗଲା କିଛି ବଛର୍ ଭିତ୍‌ରେ ସବୁନୁ ଅଏତ୍‌କା କ୍ରୟ ଉତ୍ସବ୍ ଭାବେ ଜନାଯାଇଛେ । ମୁଦ୍ରାସ୍ଫିତି ଗଲା ୮ ବଛର୍ ଭିତ୍‌ରେ ସର୍ବନିମ୍ନ ସ୍ତର୍‌ଥି ପୁହୁଁଚିବାର୍‌ଟା ବାଣିଜ୍ୟ କାର୍‌ବାର୍‌ର ବୃଦ୍ଧିକେ ଦର୍ଶଉଛେ । ଇ ଭିତ୍‌ରେ ଡିଜିଟାଲ୍ ଆର୍ଥିକ୍ କାର୍‌ବାର୍ ୧୦ ଗୁନା ବଢ଼ିଥିବାର୍ ଜନାପଡ଼ିଛେ ।

ନିର୍ବାଚନ୍ -ପର୍ଯ୍ୟବେକ୍ଷକ୍ ନିଯୁକ୍ତି          ପ୍ରେସ୍ ରିଲିଜ୍

ସବୁ ରାଜନୈତିକ୍ ଦଲ୍ ଆଉ ପ୍ରାର୍ଥୀମାନ୍‌କର୍ ଲାଗି ସମାନ୍ ସୁଯୋଗ୍  ଅବାଧ ଆଉ ନିରପେକ୍ଷ ନିର୍ବାଚନ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ନିର୍ବାଚନ ଆୟୋଗଙ୍କର୍ ତର୍‌ଫୁ ପର୍ଯ୍ୟବେକ୍ଷକ୍ ମାନେ ବିହାର୍ ଆଉ ୮ ଟା ବିଧାନ୍‌ସଭା ଆସନ୍‌ର ଉପନିର୍ବାଚନ୍ ପ୍ରକ୍ରିୟା ନିରୀକ୍ଷଣ୍ କରିଛନ୍ । ନିର୍ବାଚନ୍ ଆୟୋଗ୍ ତର୍‌ଫୁ ଧାରା ୩ ଶହ ୨୪ ଆଉ ୧୯୯୧ ଜନପ୍ରତିନିଧି ଆଇନ୍‌ର ଧାରା ୨୦ -ଖ ଅନ୍‌ସାରେ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ୍ ମାନ୍‌କୁ ନିଯୁକ୍ତି ଦିଆଯାଇଛେ । ନିର୍ବାଚନ୍ ମଣ୍ଡଲୀ ନ ନିଯୁକ୍ତି ପାଏବାର୍ ଉତ୍‌ରୁ

ପର୍ଯ୍ୟବେକ୍ଷକ୍‌ମାନେ ଦାୟିତ୍ୱ ପାଇଥିବା ନିର୍ବାଚନ୍ ମଣ୍ଡଳୀର୍ ପରିଦର୍ଶନ୍ କର୍‌ବାର୍ ସହେତେ ଇହାଦେ ସେହି ନିର୍ବାଚନ୍ ମଣ୍ଡଳୀ ମାନ୍‌କେ ଅଛନ୍ ।

ପୟାଶ୍ରାଦ୍ଧ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ନ ପବିତ୍ର ଦିଆଲି ଆଉ ପୟାଶ୍ରାଦ୍ଧ ଅବ୍‌ସରେ ଭକ୍ତ ମାନ୍‌କର୍ ଜବର୍ ଭିଡ୍‌କେ ନଜର୍‌ଥି ରଖିକରି ପୁଲିସ୍ ତର୍‌ଫୁ ବ୍ୟାପକ୍ ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ସୁରକ୍ଷା ଦାୟିତ୍ୱଥି ୨୮ ପ୍ଲାଟୁନ୍ ପୁଲିସ୍ ଫୋର୍ସ ସହେତେ ୪ ଝନ୍ ଅତିରିକ୍ତ ଏସ୍.ପି., ୧୫ ଝନ୍ ଡିଏସ୍‌ପି ଆର୍ ୧୪ ଝନ୍ ଇନ୍ସପେକ୍ଟର୍ ମୁତୟନ୍ ହେବେ । ସିଂହଦୁଆର ପାଶେ ଶ୍ରଦ୍ଧାଳୁମାନେ କାଉଁରିଆ କାଠି ଜାଲିକରି ବଡ଼ବଡ଼ିଆ ଡକା ଲାଗି ୪ ଟା ଜାଗା ବଛାଯାଇଛେ । ଆଏବା କାଏଲ୍ ଆଉ ମଙ୍ଗଲ୍‌ବାର୍ ୨ ଦିନ୍ ଲାଗି ପହପହର୍ ୪ ନୁ ରାତିର୍ ୧୦ ବଜେତକ୍ ପୁରୀ ସହର୍ ନ ଟ୍ରାଫିକ୍ କଟ୍‌କନା ଲାଗୁ କରାଯିବା ବଲି ଆରକ୍ଷୀ ଅଧିକ୍ଷକ ପ୍ରତୀକ୍ ସିଂ ସୂଚ୍‌ନା ଦେଇଛନ୍ ।

ବିଏସ୍‌ଏନ୍‌ଏଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପବିତ୍ର ଦିଆଲି ଅବ୍ସରେ ବିଏସ୍ଏନ୍ଏଲ୍ ତରଫ୍ରୁ ସବୁ ବର୍ଗର୍ ଗ୍ରାହକ୍ମାନ୍କର୍ ଲାଗି ଖାସ୍ ସୁବିଧା କରାଯାଇଛେ । ଇଟା ୨୦୨୫ ମସିହା ଅକ୍ଟୋବର୍ ୧୮ ତାରିଖ୍ନୁ ନଭେମ୍ବର ୧୮ ତାରିଖ୍ତକ୍ ଚାଲ୍ବା । ଇ ଖାସ୍ ସୁବିଧା ଅନ୍ସାରେ ନୂଆଁ ଗ୍ରାହକ୍ମାନେ ଖାଲି ଟଙ୍କାଟେ ଦେଇକରି ଫୋର୍-ଜି ସିମ୍ ପାଇପାର୍ବେ । ଉପଭୋକ୍ତାମାନେ ଇଥି ଅସିମିତ କଲ୍, ଦିନ୍କ ୨ ଜିବି ଡାଟା ଆଉ ଶହେ ଏସ୍ଏମ୍ଏସ୍ ମାସେତକ୍ ପାଇପାର୍ବେ । ବରିଷ୍ଠ ନାଗରିକ୍ ମାନେ ଇ ପ୍ଲାନ୍ ଛଡ଼ା ୧୮ ଶହ ୧୨ ଟଙ୍କା ଦେଇକରି ଫୋର୍-ଜି ସିମ୍ ସହେତେ ୩ ଶହ ୬୫ ଦିନ୍ ଲାଗି ଇ ସେବା ପାଇପାର୍ବେ ।

ସ୍ତନ କର୍କଟ ଦିବସ ଆର୍ଏନ୍ୟୁ/ କଟକ୍

ସ୍ତନ କର୍କଟ ରୋଗ୍ ବାବ୍ଦେ ସଚେତନତା ସୃଷ୍ଟି ଲକ୍ଷ୍ୟଥି ଇ ମାସେ ରାଏଜେ ଭିନ୍ ଭିନ୍ ଜାଗା ନ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ । ଫି ବଛର୍ ପାଖାପାଖି ୨୩ ଲାଖ୍ ନୂଆଁ ସ୍ତନ କର୍କଟ ରୋଗୀ ଆକ୍ରାନ୍ତ ହେଉଛନ୍ । ଭିନ୍ ଭିନ୍ ପ୍ରକାରର୍ କର୍କଟ ରୋଗ୍ ଭିତ୍ରେ ଫି’ ୮ ଝନ୍କର୍ ଭିତ୍ରେ ଝନେ ସ୍ତନ କର୍କଟ ରୋଗ୍ଥି ଆକ୍ରାନ୍ତ ହେଉଥିବାର୍ ଗୁଟେ ଆକଲନ୍ନୁ ଜନାପଡ଼ିଛେ । ତଥ୍ୟ ଅନ୍ସାରେ, ଭାରତ୍ ନ ପାଖାପାଖି ବଛର୍କ ସ୍ତନ କର୍କଟ ରୋଗ୍ଥି ୧ ଲାଖ୍ ମହିଳା ଆକ୍ରାନ୍ତ ହେଇକରି ଜୀବନ୍ ହରଉଛନ୍ । ଇ

ବଛର୍ ଇ ଦିବସ୍‌ର ବାର୍ତା ରହିଛେ "ସବୁ କଥାନୀ ଅଲ୍‌ଗା ଆଏ ଆଉ ତାର୍ ଯାତ୍ରା ଗୁରୁତ୍ୱପୂର୍ଣ୍ଣ ଆଏ : ମିଶିକରି ଆମେ ଲଢ଼୍‌ମା ଆଉ ଇତାକେ ଦୂର୍ କର୍‌ମା" ।

ସାଇବର୍ ସୁରକ୍ଷା ଅଭିଯାନ୍          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଆରକ୍ଷୀ ଅଧିକ୍ଷକଙ୍କର୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ସାଇବର୍ ସୁରକ୍ଷା ଅଭିଯାନ୍‌ର ଶୁଭାରମ୍ଭ ହେଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଳ୍ ବିଭୂତି ଭୂଷଣ୍ ନାଏକ୍, ଆରକ୍ଷୀ ଅଧିକ୍ଷକ ରାହୁଲ୍ ଗୋୟଲ୍ ଆଉ ଗଣମାଧ୍ୟମ ପ୍ରତିନିଧି ମାନେ ଉପସ୍ଥିତ୍ ଥିଲେ । ଇ ଅବ୍‌ସରେ ସାଇବର୍ ସୁରକ୍ଷାକେ ନେଇକରି ସଚେତନ୍ କରାଯିବାର୍ ସହେତେ ଆଏବା ଦିନେ ଜିଲ୍ଲାର୍ ସବୁ ଇଲାକା ନ କାର୍ଯ୍ୟକ୍ରମ୍‌ମାନ୍ କରାଯାଇକରି ସାଧାରଣ୍ ଲୁକ୍‌କୁ ସଚେତନ୍ କରାଯିବା ।

ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ          ବୌଦ୍ଧ

ସମ୍ବାଦଦାତା

ଆଏବା ୨୯ ତାରିଖ୍ ହେବାର୍‌କେ ଥିବା ଓଡ଼ିଶା ବିପର୍ଯ୍ୟୟ ପରିଚାଳନା ଦିବସ୍ ଲାଗି ବୌଦ୍ଧ ଜିଲ୍ଲାପାଳ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ୧୯୯୯

ମସିହା ଅକ୍ଟୋବର୍ ୨୯ ତାରିଖ୍ ମହାବାତ୍ୟାଥି ହେଇଥିବା କ୍ଷୟକ୍ଷତି ଯେନ୍ତା ଫେର୍ଘାଏ ନାଇଁ ହେବା ସେଥିର୍ଲାଗି ସଭେ ସବୁ ସମିଆଥି ପ୍ରସ୍ତୁତ୍ ରହେବାର୍କେ ଜିଲ୍ଲାପାଲ୍ ସମ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସବୁ ବ୍ଲକ୍ ଆଉ ଜିଲ୍ଲାସ୍ତର୍ ନ ଇଟା ପାଲନ୍ କରାଯିବାର୍ ଲାଗି ବୈଠକ୍ଥି ନିଷ୍ପତି ନିଆଯାଇଛେ । ଫି' ବ୍ଲକ୍ ନ ସଚେତନତା ରେଲି, ଆର୍ ଶପଥ୍ ପାଠ୍ କରାଯିବାର୍ ସହେତେ ଚଡ଼କ୍ ଆଉ ସାଁପ୍ଚବା ବାଗିର୍ ବିପଦ୍ନୁ ବଁଚ୍ବାର୍ ଲାଗି ଭିନ୍ ଭିନ୍ ଉପେ ପ୍ରଦର୍ଶନ୍ ବାବ୍ଦେ ସଚେତନ୍ କରାଯିବା ।

ହକି ଶୁଭେଚ୍ଛା          ଆର୍ଏନ୍ୟୁ/ କଟକ୍

୨୦୨୫ ସୁଲତାନ୍ ଅଫ୍ ଜୋହର କପ୍ ହକି ପ୍ରତିଯୋଗିତାଥି ରୌପ୍ୟ ପଦକ ପାଇଥିବାର୍ନୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭାରତୀୟ ହକି ଦଲକେ ଶୁଭେଚ୍ଛା ଜନେଇଛନ୍ । ଆଏବା ଦିନେ ଭାରତୀୟ ହକି ଦଲ ଆହୁରି ଭଲ୍ ପ୍ରଦର୍ଶନ୍ କର୍ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ପାଣିପାଗ          ଆର୍ଏନ୍ୟୁ/ ସମ୍ବଲପୁର

ଦକ୍ଷିଣ ଆଣ୍ଡାମାନ୍ ସାଗର୍ ଆଉ ତାକେ ଲାଗି କରି ଥିବା ଦକ୍ଷିଣ-ପୂର୍ବ ବଙ୍ଗୋପ୍ସାଗର୍ ନ ଗୁଟେ ଘୂର୍ଣ୍ଣିବଳୟ ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍ଥି ଆଏବା ମଙ୍ଗଲ୍ବାର୍ତକ୍ ଦକ୍ଷିଣ ପୂର୍ବ

ବଙ୍ଗୋପ୍‌ସାଗର୍ ନ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ଗୁରୁବାର୍‌ତକ୍ ଇଟା ଅବପାତର୍ ରୂପ୍ ନେବା । ଆମେରିକୀୟ ପାଣିପାଗ୍ ସଂସ୍ଥାର୍ ଆକଲନ୍ ଅନ୍‌ସାରେ ଅବପାତ୍ ବାତ୍ୟାର୍ ରୂପ୍ ନେବାର୍ ସମ୍ଭାବନା ରହିଛେ । ହେଲେ ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ ବାତ୍ୟାକେ ନେଇକରି କେନ୍‌ସି ପ୍ରକାର୍ ସୂଚ୍‌ନା ନାଇଁମିଲି । ଆଏବା ୨୪ ଘଂଟା ଭିତ୍‌ରେ କଲାହାଣ୍ଡି ସହେତେ ରାଜ୍ୟର୍ ୭ ଟା ଜିଲ୍ଲାର୍ କେତେଟା ଜାଗା ନ ଘଡ୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।